STATE INSTITUTE FOR DEVELOPMENT OF ARTS & CRAFTS
*Handlooms, Textiles & Handicrafts Department, Government of Odisha*
**(A centre of excellence recognized by Ministry of SD&E, Govt. of India)**

Ref. No. 79

Date 12.01.2024

## ସ୍ଥାପତ୍ୟ ଶିବିର ରେ ଅଂଶଗ୍ରହଣ କରିବା ନିମିତ୍ତ ଦରଖାସ୍ତ ଆହ୍ୱାନ ବିଜ୍ଞପ୍ତି

ଏତଦ୍ୱାରା ଆପଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ଗଣ୍ଡମୁଣ୍ଡା, ଭୁବନେଶ୍ୱର ପକ୍ଷରୁ ମନ୍ଦିର ସ୍ଥାପତ୍ୟ ଉପରେ ଆଧାରିତ ଏକ କୋଡିଏ ଦିନିଆ ସ୍ଥାପତ୍ୟ ଶିବିର ଖଣ୍ଡଗିରୀ ସ୍ଥିତ କାରିଗର ସହାୟତା କେନ୍ଦ୍ର (ଜୟଦେବ ବାଟିକା ଛକ ନିକଟ) ଠାରେ ଆୟୋଜିତ ହେବାକୁ ଯାଉଅଛି । ଏଥିରେ ଅଂଶ ଗ୍ରହଣ କରିବା ନିମିତ୍ତ ଇଚ୍ଛୁକ ଜାତୀୟ ପୁରସ୍କାର ପ୍ରାପ୍ତ/ରାଜ୍ୟ ପୁରସ୍କାର ପ୍ରାପ୍ତ ପ୍ରସ୍ତର ଖୋଦେଇ କାରିଗର ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଥିରେ ଅଂଶ ଗ୍ରହଣ କରିବା ନିମିତ୍ତ ୧୦ ଜଣ ପୁରସ୍କାର ପ୍ରାପ୍ତ କାରିଗରଙ୍କୁ ଏକ ଚୟନ କମିଟି ଦ୍ୱାରା ଚୟନ କରାଯିବ। ପ୍ରତ୍ୟେକ କାରିଗର ୪ ଫୁଟ ଉଚ୍ଚତା ବିଶିଷ୍ଟ ଗୋଟିଏ ଲେଖାଏ ସ୍ଥାପତ୍ୟ ତିଆରି କରିବେ । ଆବଶ୍ୟକୀୟ କଞ୍ଚାମାଲ ଅନୁଷ୍ଠାନ ତରଫରୁ ଯୋଗାଇ ଦିଆଯିବ। ଶିବିରରେ ଅଂଶ ଗ୍ରହଣ କରିବା ନିମିତ୍ତ ଉପଯୁକ୍ତ ପାଉଣା ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ମଧ୍ୟ ଅନୁଷ୍ଠାନ ତରଫରୁ ପ୍ରଦାନ କରାଯିବ । ଇଚ୍ଛୁକ କାରିଗର ମାନେ ଏକ ସାଧା କାଗଜରେ ନିର୍ଭୁଲ ଭାବରେ ସେମାନଙ୍କର ନାମ, ପିତାଙ୍କ ନାମ, ସ୍ଥାୟୀ ଠିକଣା, ମୋବାଇଲ ନମ୍ବର ସହ ଜାତୀୟ ପୁରସ୍କାର ପ୍ରାପ୍ତ/ରାଜ୍ୟ ପୁରସ୍କାର ପ୍ରାପ୍ତ ପ୍ରମାଣ ପତ୍ର, ଆଧାର କାର୍ଡ ର ନକଲ ଏବଂ ଦୁଇଗୋଟି ରଙ୍ଗୀନ ଫଟୋ ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରିତ ଅଧିକାରିଙ୍କ ନିକଟରେ ତା ୧୮.୦୧. ୨୦୨୪ ରିଖ ଅପରାହ୍ନ ୫ ଘଟିକା ସୁଧା ଦାଖଲ କରିବା ପାଇଁ ଅନୁରୋଧ କରାଯାଉଅଛି।

ଓମ୍ପ୍ରକାଶ କୁମାର ରଥ
**ସଦସ୍ୟ ସଚିବ**

ପତ୍ର ସଂଖ୍ୟା ୫୦ (୩) ତାରିଖ 12.01.2024

ଏହାର ଏକକିତା ନକଲ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ/ ହସ୍ତଶିଳ୍ପ ନେର୍ଦ୍ଦେଶାଳୟ, ଓଡିଶା/ ଓଡିଶା ରାଜ୍ୟ ହସ୍ତଶିଳ୍ପ ସମବାୟ ନିଗମ, ଭୁବନେଶ୍ୱରଙ୍କ ଗୋଚରାର୍ଥେ ବ୍ୟାପକ ପ୍ରସାର ନିମନ୍ତେ ସେମାନଙ୍କ ନୋଟିସ ବୋର୍ଡ ରେ ସଂଲଗ୍ନ କରିବା ନିମିତ୍ତ ପ୍ରେରଣ କରାଗଲା ।

ଓମ୍ପ୍ରକାଶ କୁମାର ରଥ
**ସଦସ୍ୟ ସଚିବ**

Twitter-@Sidac_Odisha,
Facebook-SIDAC Odisha,
Insta-sidac_odisha

Handicrafts Complex, Gandamunda, P.O.: Khandagiri,
Bhubaneswar – 751030, Dist – Khurda, Odisha, India
Phone : +91 (0) 674 – 2350318, 2350298, 2351389, E-mail: sidacorissa@gmail.com
Web site: www.sidacodisha.org.in, www.odishacraftsmuseum.com